# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 04 January – 2026

*********************************

## ମୁଖ୍ୟ ସମ୍ବାଦ

- ଆମ ବସ୍ ଚାଳକଙ୍କ ଦକ୍ଷତା ବୃଦ୍ଧି ସହ ନିୟମିତ ପ୍ରଶିକ୍ଷଣ ପାଇଁ ପରିବହନ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି
- ସମ୍ବଲପୁର ନକ୍ସାପାଲିଠାରେ ସଡକ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ
- ବ୍ରେଲ'ର ପ୍ରଚଳନ ସମ୍ପର୍କରେ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ବ୍ରେଲ ଦିବସ

ଏବଂ

- ଘନକୁହୁଡ଼ି ନେଇ ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ଦୁର୍ଘଟଣା-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆମ ବସ୍ ଚାଳକଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେବା ସହ ନିୟମିତ ପ୍ରଶିକ୍ଷଣ ପ୍ରଦାନ ପାଇଁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶିକ୍ଷଣ ସମୟରେ ବସ୍ ଚାଳକମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ପ୍ରଦାନ ସହ ସେମାନଙ୍କ ମଧ୍ୟରେ ସମ୍ବେଦନଶୀଳ ମନୋଭାବ ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ଶ୍ରୀ ମାଝୀ ବିଭାଗକୁ ପରାମର୍ଶ ଦେଇଛନ୍ତି। ବସ୍‌ଗୁଡ଼ିକର ନିୟମିତ ଫିଟ୍‌ନେସ୍ ଯାଞ୍ଚ ସହ ଦୁର୍ଘଟଣାକୁ ଏଡାଇବା ପାଇଁ ସମୀକ୍ଷା କରିବାକୁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ରୂପାଲି ଛକ ନିକଟରେ ଆମ ବସ୍ ଦୁର୍ଘଟଣାରେ ଜଣେ ଅଟୋ ଚାଳକଙ୍କ  ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ୪ ଲକ୍ଷ ଟଙ୍କାର ସହାୟତାରାଶି ଘୋଷଣା କରିଛନ୍ତି।

ଆମ ବସ୍ ଦୁର୍ଘଟଣାକୁ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ସମୀକ୍ଷା କରିଛନ୍ତି।  ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀମତୀ ପାଢ଼ୀ କହିଛନ୍ତି....

**- V/O -**

ମାଷ୍ଟରକ୍ୟାଣ୍ଟିନ୍ ଆମ ବସ୍‌ଷ୍ଟାଣ୍ଡରେ ଆଜି ପରିବହନ ବିଭାଗ ପକ୍ଷରୁ କଡାକଡି ଯାଞ୍ଚ କରାଯାଇଛି। ମଦ୍ୟପାନ କରି ଗାଡି ଚଳାଉଥିବା ଡ୍ରାଇଭର ମାନଙ୍କ ପ୍ରତି ଏମ୍‌ଭିଆଇ ନିୟମ ଅନୁସାରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ

ବୋଲି ପରିବହନ କମିଶନର ଅମିତାଭ ଠାକୁର କହିଛନ୍ତି। ସେ କହିଛନ୍ତି, ଆଗାମୀ ଦିନରେ ଏ ନେଇ ଆକସ୍ମିକ ଯାଞ୍ଚ କରାଯିବ।

## ପ୍ରଗତି ମଂଚ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଗତି ମଂଚ ଦେଶର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ତୁରନ୍ତ ଏବଂ ସମୟୋଚିତ କାର୍ଯ୍ୟକାରିତାରେ ବିଶେଷ ଭାବେ ସହାୟକ ହୋଇଛି।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ.....

ଭୁବନେଶ୍ୱର-ଡେଲାଙ୍ଗ-ପୁରୀ ରେଳ ଲାଇନ୍‌ର ଦୋହରୀକରଣ ପ୍ରକଳ୍ପ ଏହାର ଏକ ଜ୍ୱଳନ୍ତ ଉଦାହରଣ। ୭୦ କିଲୋମିଟର ଲମ୍ବ ଏହି ପ୍ରକଳ୍ପକୁ ୨୦୧୨ ମସିହାରେ ମଞ୍ଜୁରୀ ମିଳିଥିଲା। ପ୍ରକଳ୍ପ ଲାଗି ରେଳ ମନ୍ତ୍ରଣାଳୟ ୧ ହଜାର ୬୫୦ କୋଟି ଟଙ୍କା ମଞ୍ଜୁର କରିଥିଲା।

ଭୁବନେଶ୍ୱର-ଡେଲାଙ୍ଗ ସେକ୍ସନର ୪୦ କିଲୋମିଟର ରେଳ ଲାଇନ୍ ଏବଂ ଡେଲାଙ୍ଗ-ସାକ୍ଷୀଗୋପାଳ ସେକ୍ସନର ୧୩ କିଲୋମିଟର ରେଳ ଲାଇନ୍‌ର ଦୋହରୀକରଣ ସରିଥିଲା। ହେଲେ, ୧୭କିଲୋମିଟର ବିଶିଷ୍ଟ ସାକ୍ଷୀଗୋପାଳ-ପୁରୀ ସେକ୍ସନର କାର୍ଯ୍ୟ ସରିବାରେ ବିଳମ୍ବ ହୋଇଥିଲା। ଏହି ପ୍ରକଳ୍ପର ଠିକ୍ ସମୟରେ କାର୍ଯ୍ୟ ସମାପ୍ତ କରିବା ପାଇଁ ୨୦୧୫ ମସିହା ଜୁନ୍ ମାସରେ ପ୍ରଗତି ବୈଠକରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରକଳ୍ପକୁ ସର୍ବୋଚ୍ଚ ପ୍ରାଥମିକତା ଓ ଗୁରୁତ୍ୱ ଦିଆଯାଇ ଯଥାଶୀଘ୍ର କାର୍ଯ୍ୟ ସମ୍ପାଦନ ହୋଇଥିଲା। ଯାହାର ପରିଣାମସ୍ୱରୂପ ଭୁବନେଶ୍ୱର-ଡେଲାଙ୍ଗ-ପୁରୀ ରେଳଲାଇନ୍ ସିଙ୍ଗିଲ ଲାଇନ୍‌ରୁ ଡବଲ ଲାଇନ୍ ହେବା ସହିତ

ଏହି ମାର୍ଗରେ ଯାତ୍ରା କରୁଥିବା ଟ୍ରେନ୍ ଏବଂ ଯାତ୍ରୀଙ୍କ କ୍ଷମତା ପ୍ରାୟ ଦୁଇରୁ ତିନି ଗୁଣ ବୃଦ୍ଧି ପାଇଥିଲା। ଭାରତର ପ୍ରମୁଖ ତୀର୍ଥସ୍ଥଳୀ ପୁରୀକୁ ଅଧିକ ସଂଖ୍ୟାରେ ତୀର୍ଥଯାତ୍ରୀଙ୍କର ରେଳ ଯାତ୍ରା ସୁଗମ ସହିତ ପର୍ଯ୍ୟଟନର ଅଭିବୃଦ୍ଧି ଏବଂ ଆର୍ଥିକ କାର୍ଯ୍ୟକଳାପ କ୍ଷେତ୍ରରେ ଯଥେଷ୍ଟ ପରିମାଣରେ ଯୋଗଦାନ ମିଳିଥିଲା।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସରିତା ସାହୁ

## ସୁବର୍ଣ୍ଣଜୟନ୍ତୀ ସମାରୋହ

ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଭଲ ପାଠ ପଢ଼ି  ସମାଜ ଓ ଦେଶ ପାଇଁ ସୁନାମ ଅର୍ଜନ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। **ଭଦ୍ରକ** ଜିଲ୍ଲା ନଳାଙ୍ଗ ଅନ୍ତର୍ଗତ ଚିଙ୍ଗୁଡ଼ିପୁର ଜଗନ୍ନାଥ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ସମାରୋହରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ରାଜ୍ୟରେ ଶିକ୍ଷକ ଅଭାବ ଦୂର କରିବା ପାଇଁ ସରକାର ୧୬ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦେବେ। ଗୋଦାବରୀଶ ମିଶ୍ର ପ୍ରାଥମିକ ଆଦର୍ଶ ବିଦ୍ୟାଳୟ ଯୋଜନାର ସଫଳ ରୂପାୟନ ପାଇଁ ପ୍ରତ୍ୟେକ ପଂଚାୟତରେ ୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ସଂକଳ୍ପ ନେବାକୁ ଛାତ୍ରଛାତ୍ରୀଙ୍କୁ ଶ୍ରୀ ପାତ୍ର ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ ଉପସ୍ଥିତ ଥିଲେ।

## ଦୁର୍ଘଟଣା

ସମ୍ବଲପୁର ଧନୁପାଲି ଥାନା ନକ୍ସାପାଲି ନୂଆ ଫ୍ଲାଏଓଭରଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ୨ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣଙ୍କର ଚିକିତ୍ସା ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡିଛି। ସିନ୍ଦୂରପଙ୍କ ପଟରୁ କଟକ ଆଡକୁ ଆସୁଥିବା ଏକ ଟ୍ରକ୍‌କୁ ପଛପଟି ଏକ କାର୍ ଧକ୍‌କା ଦେବାରୁ କାର୍ ଭିତରେ ବସିଥିବା ୨ ଜଣ ଯାତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତ ବ୍ୟକ୍ତିଙ୍କର ବର୍ତ୍ତମାନ ସୁଦ୍ଧା ପରିଚୟ ମିଳି ନାହିଁ।

## ବ୍ରେଲ୍ ଦିବସ

ଦୃଷ୍ଟିହୀନ ଏବଂ ଆଂଶିକ ଦୃଷ୍ଟିଦୋଷ ଥିବା ଲୋକଙ୍କ ପାଇଁ ଯୋଗାଯୋଗର ମାଧ୍ୟମ ଭାବେ ବ୍ରେଲର ମହତ୍ୱ ବେଶ୍ ଗୁରୁତ୍ୱପୂର୍ଣ୍ଣ । ବ୍ରେଲ'ର ପ୍ରଚଳନ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ବ୍ରେଲ ଦିବସ ପାଳନ କରାଯାଉଛି । ବ୍ରେଲ ଲିପିର ଉଦ୍ଭାବକ ଲୁଇସ୍ ବ୍ରେଲଙ୍କ ଜନ୍ମଦିନକୁ ସ୍ମରଣ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଜାନୁଆରୀ ୪ ତାରିଖକୁ ବିଶ୍ୱ ବ୍ରେଲ ଦିବସ ଭାବେ ପାଳନ କରାଯାଇଥାଏ। ବ୍ରେଲ୍ ଲିପିର ଉଦ୍ଭାବକ ଲୁଇ ବ୍ରେଲ ମାତ୍ର ୩ ବର୍ଷ ବୟସରେ ଏକ ଦୁର୍ଘଟଣାରେ ନିଜର ଦୃଷ୍ଟିଶକ୍ତି ହରାଇଥିଲେ। ମାତ୍ର ୧୫ ବର୍ଷ ବୟସରେ ସେ ଏକ ୬ଟି ବିନ୍ଦୁବିଶିଷ୍ଟ ଲିପିର ଉଦ୍ଭାବନ କରିଥିଲେ। ଏହି ବିପ୍ଲବାତ୍ମକ ଉଦ୍ଭାବନ ହିଁ ଆଜି ବ୍ରେଲ୍ ଲିପି ନାମରେ ପରିଚିତ ହେବା ସହ ବିଶ୍ୱବ୍ୟାପୀ ଦୃଷ୍ଟିହୀନଙ୍କ ପାଇଁ ଶିକ୍ଷାର ଆଧାର ସାଜିଛି। ବ୍ରେଲ୍ ଲିପି ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ପଢ଼ିବା ଓ ଲେଖିବାର ସୁଯୋଗ

ପ୍ରଦାନ କରିବା ସହ ସେମାନଙ୍କ ସାମର୍ଥ୍ୟକୁ ବିକଶିତ କରିବାରେ ସହାୟକ ହୋଇଛି। ୨୦୧୮ ମସିହାରେ ମିଳିତ ଜାତିସଂଘ ସାଧାରଣସଭାରେ ଏହି ଦିବସ ପାଳନ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

## ଲୋକ ମହୋତ୍ସବ

ସମ୍ବଲପୁର ଲୋକ ମହୋତ୍ସବ ସମିତି ପକ୍ଷରୁ ଆଜି ଏକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏହି ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଅବସରରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସାଂସ୍କୃତିକ ଶୋଭାଯାତ୍ରାକୁ ବିଭିନ୍ନ ପଡାରେ ସ୍ୱାଗତ କରାଯାଇଥିଲା।

## ଜିଲ୍ଲା ମହୋତ୍ସବ

**କନ୍ଧମାଳ** ଜିଲ୍ଲା ମହୋତ୍ସବ ଆସନ୍ତା ଜାନୁୟାରୀ ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶାନ୍ତି ଶୃଙ୍ଖଳାର ସହ ମହୋତ୍ସବ ପାଳନ ପାଇଁ ଜିଲ୍ଲାର ପ୍ରତି ବ୍ଲକ୍‌ରେ ମଶାଲ ଶୋଭାଯାତ୍ରା କରାଯାଇ ଲୋକମାନଙ୍କୁ ସଚେତନ କରାଯାଉଛି। ଜିଲ୍ଲାର ଲୋକକଳା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ସହ ଜିଲ୍ଲାରୁ ଉତ୍ପାଦ ଖାଦ୍ୟ, ବିଭିନ୍ନ ସାମଗ୍ରୀକୁ ପଲିଶ୍ରୀ ମେଳାରେ ସାମିଲ କରାଯିବ।

## ବର୍ଷ ପୂର୍ତ୍ତି

**ବୌଦ୍ଧ** ଜିଲ୍ଲା ଗଠନର ୩୨ ବର୍ଷ ପୂର୍ତ୍ତି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ରରେ ବୌଦ୍ଧ ଜିଲ୍ଲାର ଐତିହ୍ୟ, କଳା, ସାହିତ୍ୟ, ସଂସ୍କୃତି ଉପରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ପ୍ରମୁଖ ଯୋଗ ଦେଇଥିଲେ ।

## ପ୍ରାଣୀସମ୍ପଦ ମେଳା

**ରାୟଗଡ଼ା** ସ୍ଥିତ ଗୋବିନ୍ଦଚନ୍ଦ୍ର ଦେବ ଉଚ୍ଚବିଦ୍ୟାଳୟଠାରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଆପାଲ ସ୍ୱାମୀ କାଡ୍ରାକା ମେଳାକୁ ଉଦ୍‌ଘାଟନ କରି ଗୋ-ପୂଜନ ସହିତ ସଫଳ ଚାଷୀଙ୍କୁ ୫ ହଜାର ଟଙ୍କାର ଚେକ୍ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଆତ୍ମନିର୍ଭରତା ହିଁ ବିକଶିତ ଭାରତର ମୂଳ ମନ୍ତ୍ର ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଆଭାସୀ ମାଧ୍ୟମରେ ଯୋଗଦେଇ ଚାଷୀଙ୍କୁ ଉତ୍ସାହିତ କରିଥିଲେ ।

## ଦୁର୍ଘଟଣା

**ଗଞ୍ଜାମ** ଜିଲ୍ଲା ଚିକିଟି ଝାଟିପାଟିଆ ନିକଟରେ ଘଟିଥିବା ମିନି ବସ୍ ଓ ପିକ୍‌ଅପ୍ ଭ୍ୟାନ୍ ଧକ୍‌କା ଘଟଣାରେ ଆହତ ଯାତ୍ରୀମାନଙ୍କୁ ଏମକେସିଜି ମେଡିକାଲ କଲେଜ୍ ଏବଂ ହସ୍‌ପିଟାଲରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଭେଟିଛନ୍ତି । ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଚିକିତ୍ସକମାନଙ୍କ ସହ ଆଲୋଚନା କରି ଉତ୍ତମ ଚିକିତ୍ସା ପ୍ରଦାନ ପାଇଁ ନିର୍ଦ୍ଦେଶ

ଦେଇଛନ୍ତି । ରେଡକ୍ରସ୍ ପାଣ୍ଠିରୁ ଗୁରୁତର ଆହତ ପ୍ରତ୍ୟେକଙ୍କୁ ୩୦ ହଜାର ଟଙ୍କା ଏବଂ ଅନ୍ୟ ଆହତଙ୍କୁ ୨୦ ହଜାର ଟଙ୍କା ସହାୟତା ଘୋଷଣା କରାଯାଇଛି ।

## ଓଜନ ଉତ୍ସବ

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ଅଭିଯାନ ଅନ୍ତର୍ଗତ ଓଜନ ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ । ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ବିଭିନ୍ନ ବିଭାଗର ସହଭାଗିତାରେ ଓଜନ ଉତ୍ସବର ଆୟୋଜନ କରାଯାଉଛି । ଏହି ଅଭିଯାନରେ ୬ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କ ଓଜନ ଓ ଉଚ୍ଚତା ମାପ କରାଯିବ । ଦୁର୍ଗମ ଅଂଚଳରେ ଶତପ୍ରତିଶତ ଶିଶୁଙ୍କ ଓଜନ ଉଚ୍ଚତା ଆକଳନ ସୁନିଶ୍ଚିତ କରାଯିବ ।

## ପରଲୋକ

ଖଡିଆଳ ରାଜା ଜିତାମିତ୍ର ପ୍ରସାଦ ସିଂହଦେଓଙ୍କର ଆଜି ୮୦ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କ ଦ୍ୱାରା ରଚିତ ୧୯ ଖଣ୍ଡ ଇତିହାସ ଏବଂ ପ୍ରତ୍ନତାତ୍ତ୍ୱିକ ବିଷୟ ପୁସ୍ତକ ଅନେକ ବିଶ୍ୱବିଦ୍ୟାଳୟର ବ୍ୟବହାର ହେଉଛି । ସ୍ୱର୍ଗତ ଜିତାମିତ୍ର ସିଂହଦେଓ ଜଣେ ଲବ୍‌ଧପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଥିଲେ ।

## ପାଣିପାଗ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨ ଦିନ ମଧ୍ୟରେ

ରାଜ୍ୟରେ ତାପମାତ୍ରାରେ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ପରେ ୪ ଡିଗ୍ରୀ ପର୍ଯ୍ୟନ୍ତ ରାତି ତାପମାତ୍ରା ହ୍ରାସ ପାଇବାର ସମ୍ଭାବନା ରହିଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ ନୟାଗଡ଼, ଯାଜପୁର, ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଗଞ୍ଜାମ, ଗଜପତି, କନ୍ଧମାଳ ଓ ସୁନ୍ଦରଗଡ଼ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।